# ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ

॥ ପ୍ରଭାନ୍ୟୁଜ ॥ ସାଲେପୁର, ୧୧।୧୨: ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରାବାସର ପ୍ରତିଷ୍ଠାତା ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ୪୪ତମ ଶ୍ରାଦ୍ଧବାର୍ଷିକ ମଧୁସୂଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ମନୋରଂଜନ ଦାଶଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ଅଧକ୍ଷା ଡଃ ସଂଗୀତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ଅବଦାନ ସାଲେପୁର କଲେଜ ପ୍ରତି ଅତୁଳନୀୟ। ସେ ଏକାଧାରରରେ ଜଣେ ଲେଖକ ଓ ମହାପୁରୁଷ ଭାବେ ଏହି ଅଞ୍ଚଳରେ ପରିଚିତ ଥିଲେ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ କଲେଜର ବିକାଶ ଦିଗରେ କାର୍ଯ୍ୟକରି ଚାଲିଥିଲେ। ତେଣୁ ତାଙ୍କର ଆଜି ୪୪ତମ ଶ୍ରାଦ୍ଧ ଦିବସରେ ମୁଁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ବୈଷ୍ଣବ ଚରଣ ମହାନ୍ତି ଯୋଗଦେଇ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ରଙ୍କ ମହାନତା ଓ ଛାତ୍ରବତ୍ସଳତା ପ୍ରତିପାଦନ କରିଥିବାବେଳେ ପଣ୍ଡିତ ସ୍ୱର୍ଗତ ମିଶ୍ରଙ୍କ ରଚିତ ପୁସ୍ତକର ଇଂରାଜୀ ଭାଷାରେ ଅନୁବାଦ କରି ତାଙ୍କର ବାର୍ତ୍ତାକୁ ପ୍ରଚାର ଓ ପ୍ରସାର କରିଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ତଥା ଛାତ୍ରାବାସର ତତ୍ତ୍ୱାବଧାରକ ଡଃ ପ୍ରସନ୍ନ କୁମାର ମହାପାତ୍ର, ଉପତତ୍ତ୍ୱାବଧାରକ ନେତାଜୀ ସଂଗ୍ରାମ କେଶରୀ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଚନ୍ଦ୍ରଶେଖର ସମ୍ମାନ ୨୦୨୨ରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଉମାକାନ୍ତ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ରମାବଲ୍ଲଭ ଷଡ଼ଙ୍ଗୀ, ଅବତନ ଷଡ଼ଙ୍ଗୀ, ଶିକ୍ଷାପରିଷଦର ସଦସ୍ୟ ବିରଞ୍ଚି ନାରାୟଣ କର, ନିର୍ମଳ ମିଶ୍ର, ବିଚିତ୍ରାନନ୍ଦ ଦାସ, ପ୍ରଦୋଷ କୁମାର ମହାନ୍ତି, ସଂଜୟ କୁମାର ନାୟକ, ଡଃ ଅସିତ୍ ପରିଡା, ଡଃ ପ୍ରଦ୍ୟୁମ୍ନ ଚୌଧୁରୀ, ଜୟନ୍ତୀବାଳା ପରିଡା, କଳିକା ଆଚାର୍ଯ୍ୟ, ଡଃ ସ୍ୱାତି ପଣ୍ଡା, ପ୍ରଭାସିନୀ ଲେଙ୍କା, ପୟସ୍ୱିନୀ ରାଉତ, ମୋନାଲିସା ମିଶ୍ର, ସୁଶାନ୍ତ କୁମାର ପାଢ଼ୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।